भारतीय रिज़र्व बैंक
RESERVE BANK OF INDIA
www.rbi.org.in

ଆରବିଆଇ/୨୦୧୬-୧୭/୧୧୨

ଡିସିଏମ (ପିଏଲଜି) ସଂ. ୧୨୨୬/୧୦.୨୭.୦୦/୨୦୧୬-୧୭ ନଭେମ୍ବର ୮, ୨୦୧୬

ଅଧକ୍ଷ / ପରିଚାଳନା ନିର୍ଦ୍ଦେଶକ / ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସରକାରୀ ବ୍ୟାଙ୍କ /
ଘରୋଇ ବ୍ୟାଙ୍କ / ବିଦେଶୀ ବ୍ୟାଙ୍କ / ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ /
ସହରୀ ସମବାୟ ବ୍ୟାଙ୍କ / ରାଜ୍ୟ ସମବାୟ ବ୍ୟାଙ୍କ

ମହାଶୟ,

ପ୍ରଚଳିତ ୫୦୦ ଟଙ୍କା ଏବଂ ୧୦୦୦ ଟଙ୍କା ମୂଲ୍ୟର ବ୍ୟାଙ୍କ ନୋଟ ଉପରୁ ବୈଧ ମୁଦ୍ରା ମାନ୍ୟତା ପ୍ରତ୍ୟାହାର

ନଭେମ୍ବର ୮, ୨୦୧୬ ରେ ଭାରତ ସରକାରଙ୍କ ଦ୍ୱାରା ଜାରି ହୋଇଥିବା ଗେଜେଟ ଅଧିସୂଚନା ସଂଖ୍ୟା . ୨୬୫୨ ପ୍ରଭାବରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଜାରି ୫୦୦ ଟଙ୍କା ଏବଂ ୧୦୦୦ ଟଙ୍କା ମୂଲ୍ୟବର୍ଗ ର ବ୍ୟାଙ୍କ ନୋଟ ଗୁଡିକ (ଏହା ପର ଠାରୁ ବିଶିଷ୍ଟ ବ୍ୟାଙ୍କ ନୋଟ ଜଣାଯିବ) ଅଧିସୂଚନାରେ ନିର୍ଦ୍ଦିଷ୍ଟ ଥିବା ନିୟମ ଅନୁସାରେ ନଭେମ୍ବର ୯, ୨୦୧୬ ଠାରୁ ଆଉ ବୈଧ ମୁଦ୍ରା ରୂପରେ ବ୍ୟବହୃତ ହୋଇ ପାରିବେ ନାହିଁ । ମହାତ୍ମାଗାନ୍ଧୀ (ନୂତନ) ଶୃଙ୍ଖଳାର ସାଂସ୍କୃତିକ ଐତିହ ଏବଂ ବୈଜ୍ଞାନିକ ଉପଲବ୍ଧି ପ୍ରତିପାଦନ କରୁଥିବା ଭିନ୍ନ ଆକାର ଏବଂ ସ୍ୱରୂପର ନୂତନ ବ୍ୟାଙ୍କ ନୋଟ ଜାରୀ କରାଯିବ । ଡିସେମ୍ବର ୩୦, ୨୦୧୬ ପର୍ଯ୍ୟନ୍ତ ସର୍ବସାଧାରଣ ତଥା ଅନ୍ୟ ସଂସ୍ଥା ମାନଙ୍କ ଦ୍ୱାରା ଏହି ବିଶିଷ୍ଟ ବ୍ୟାଙ୍କ ନୋଟ ଗୁଡିକର ବିନିମୟ ତଥା ଏହି ବିଶିଷ୍ଟ ବ୍ୟାଙ୍କ ନୋଟ ଗୁଡିକୁ ନିଜ ବ୍ୟାଙ୍କ ଖାତା ରେ ଜମା କରିବା ପାଇଁ ବ୍ୟାଙ୍କ ଶାଖା ମାନେ ପ୍ରମୁଖ ଏଜେଣ୍ଟ ଭାବେ କାର୍ଯ୍ୟ କରିବେ , ଅତଏବ, ବ୍ୟାଙ୍କ ମାନେ ଏହି କାର୍ଯ୍ୟଟିକୁ ସର୍ବାଧିକ ଗୁରୁତ୍ୱ ଦେବେ ।

ସର୍ବସାଧାରଣଂକ ପାଖରେ ଥିବା ୫୦୦ ଟଙ୍କା ଏବଂ ୧୦୦୦ ଟଙ୍କା ର ବିନିମୟ ପାଇଁ ବ୍ୟାଙ୍କ ମାନଙ୍କୁ ନିମ୍ନଲିଖିତ ବ୍ୟବସ୍ଥା ସବୁ କରିବାକୁ ହେବ :

୨. ନଭେମ୍ବର ୯, ୨୦୧୬ ରେ ସମ୍ପନ୍ନ ହେବାକୁ ଥିବା କାର୍ଯ୍ୟସୂଚୀ :

i. ସମସ୍ତ ବ୍ୟାଙ୍କ ମାନଙ୍କ ପାଇଁ ନଭେମ୍ବର ୯, ୨୦୧୬ (ବୁଧବାର) ଏକ ଅଣ-ବ୍ୟବସାୟିକ କାର୍ଯ୍ୟଦିବସ ହେବ । ତଥାପି ଏହି ପରିପତ୍ର ର ନିର୍ଦ୍ଦେଶ ଅନୁସାରେ ଯୋଜନା ଟିକୁ କାର୍ଯ୍ୟକାରୀ କରିବା ପାଇଁ ବ୍ୟାଙ୍କ ମାନଙ୍କୁ ଏହିଦିନ ପ୍ରସ୍ତୁତି କାର୍ଯ୍ୟ କରିବାକୁ ହେବ ।

ii. ଏଟିଏମ, ନଗଦ ଜମା ମେସିନ, ନଗଦ ରାଶି ପୁନଃ ପ୍ରଚଳନ ମେସିନ, ମୁଦ୍ରା ନିଷ୍କାସନ ଯନ୍ତ୍ର, ଅନ୍ୟ ସବୁ ନଗଦ ରାଶି ବିତରଣ /ଆହରଣ ମେସିନ ସିଆଇଟି କମ୍ପାନୀ ଏବଂ ବ୍ୟବସାୟିକ ପ୍ରତିନିଧି ମାନଙ୍କ ପାଖରେ ଗଚ୍ଛିତ ଥିବା ନିର୍ଦ୍ଦିଷ୍ଟ ବ୍ୟାଙ୍କ ନୋଟ ଗୁଡିକୁ

ତତ କ୍ଷଣାତ ପ୍ରତ୍ୟାହାର କରାଯିବ । ହ୍ୱାଇଟ ଲେବଲ ଏଟିଏମ ଗୁଡିକୁ ବିଶିଷ୍ଟ ବ୍ୟାଙ୍କ ନୋଟ ର ପ୍ରତ୍ୟାହାର ର ଦାୟିତ୍ୱ ସେହି ହ୍ୱାଇଟ ଲେବଲ ଏଟିଏମ ର ପ୍ରାୟୋଜକ ମାନଙ୍କ ଉପରେ ନ୍ୟସ୍ତ କରାଯାଇଛି ।

iii. ନଭେମ୍ବର ୯, ୨୦୧୬ ଠାରୁ ବ୍ୟାଙ୍କ ମାନେ ସେମାନଙ୍କ ଶାଖା ଗୁଡିକରେ ତଥା ବ୍ୟବସାୟିକ ପ୍ରତିନିଧି ମାନଙ୍କ ଜରିଆରେ ବିଶିଷ୍ଟ ବ୍ୟାଙ୍କ ନୋଟ ଜାରୀ ନକରିବା ପାଇଁ ପଦକ୍ଷେପ ନେବେ ।

iv. ସବୁ ଏଟିଏମ, ନଗଦ ଟଙ୍କା ଜମା ମେସିନ, ନଗଦ ଟଙ୍କାର ପୁନଃ ପ୍ରଚଳନ ମେସିନ ଏବଂ ମୁଦ୍ରା ପ୍ରାପ୍ତି / ପୈଠ କରୁଥିବା ମେସିନ ଗୁଡିକ ନଭେମ୍ବର ୯ ଏବଂ ୧୦ ତାରିଖ ୨୦୧୬ ରେ ବନ୍ଦ ରହିବ ।

v. ସବୁ ଏଟିଏମ ଏବଂ ନଗଦ ଟଙ୍କା ବିତରଣ ମେସିନ ଗୁଡିକୁ ନଭେମ୍ବର ୧୧, ୨୦୧୬ ରେ ପୁନଃ କାର୍ଯ୍ୟକ୍ଷମ କରିବା ପୂର୍ବରୁ ସେଗୁଡିକୁ କେବଳ ୧୦୦ ଟଙ୍କା ଏବଂ ୫୦ ଟଙ୍କା ବିତରଣ କରିବା ପାଇଁ ଉପଯୋଗୀ କରିବାକୁ ହେବ । ଯଦିଓ ବ୍ୟାଙ୍କ ମାନେ ନଭେମ୍ବର ୯, ୨୦୧୬ ଠାରୁ ନିଜ କାଉଣ୍ଟରରେ ମହାତ୍ମାଗାନ୍ଧୀ (ନୂତନ) ଶୃଙ୍ଖଳା ର ନୋଟ ଜାରି କରିପାରିବେ , ଏଟିଏମ ଏବଂ ଅନ୍ୟ ସବୁ ନଗଦ ଟଙ୍କା ବିତରଣ ନେସିନ ଗୁଡିକ ଦ୍ୱାରା ଏହି ନୋଟ ର ବିତରଣ ପାଇଁ ରିଜର୍ଭ ବ୍ୟାଙ୍କ ର ଭିନ୍ନ ନିର୍ଦ୍ଦେଶନାମା କୁ ଅପେକ୍ଷା କରିବାକୁ ହେବ ।

vi. ବ୍ୟାଙ୍କିଙ୍ଗ ନିୟନ୍ତ୍ରଣ ଅଧିନିୟମ ୧୯୪୯ ଦ୍ୱାରା ଚିହ୍ନିତ ପ୍ରତ୍ୟେକ ବ୍ୟାଙ୍କିଙ୍ଗ କମ୍ପାନୀ ଏବଂ ପ୍ରତିଟି ଟ୍ରେଜେରୀ ଅନୁବଂଧ -୧ ରେ ଦିଆଯାଇଥିବା ଫର୍ମରେ ବିସ୍ତୃତ ଭାବେ ନିଜ ପାଖରେ ନଭେମ୍ବର ୮, ୨୦୧୬ ର କାର୍ଯ୍ୟଦିବସ ପରିସମାପ୍ତ ସୁଦ୍ଧା ଜମା ଥିବା ବିଶିଷ୍ଟ ବ୍ୟାଙ୍କ ନୋଟ ଗୁଡିକର ପରିମାଣ ର ବିବରଣୀ ନିଜ ଅଞ୍ଚଳ ରେ ଥିବା ଭାରତୀୟ ରିଜର୍ଭ ବ୍ୟାଙ୍କ ର ଶାଖା ଯାହା ର ଅଧୀନରେ ସମ୍ପୃକ୍ତ ବ୍ୟାଙ୍କ ର ମୁଖ୍ୟ କାର୍ଯ୍ୟାଳୟ ନିୟନ୍ତ୍ରିତ, ସେହି କାର୍ଯ୍ୟାଳୟ ରେ ନଭେମ୍ବର ୧୦, ୨୦୧୬ ର ୧୩.୦୦ ଘଣ୍ଟା ପୂର୍ବରୁ ଦାଖଲ କରିବେ । ସେହି ବିବରଣୀ ରେ ଏଟିଏମ, ନଗଦ ଟଙ୍କା ଜମା ମେସିନ , ନଗଦ ଟଙ୍କା ପୁନଃ ପ୍ରଚଳନ ମେସିନ, ମୁଦ୍ରା ନିଷ୍କାସନ ମେସିନ, ସିଆଇଟି କମ୍ପାନୀ, ବ୍ୟବସାୟିକ ପ୍ରତିନିଧିଙ୍କ ଠାରୁ ପ୍ରତ୍ୟାହୃତ ହୋଇଥିବା ନିର୍ଦ୍ଦିଷ୍ଟ ବ୍ୟାଙ୍କ ନୋଟ ର ବିବରଣୀ ମଧ୍ୟ ଦିଆଯାଇଥିବ ।

vii. ଏହି ବିଶିଷ୍ଟ ବ୍ୟାଙ୍କ ନୋଟ ଗୁଡିକୁ ସଂଯୁକ୍ତ କରେନ୍ସି ଚେଷ୍ଟ ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କ ରେ ଜମା କରିବାର ବ୍ୟବସ୍ଥା କରିବାକୁ ହେବ ଏବଂ ସମ ସଂଖ୍ୟକ ଜମା ନିଜ ଆକାଉଣ୍ଟ ରେ କରିବାକୁ ହେବ ।

viii. ବ୍ୟାଙ୍କ ମାନେ ସେମାନଙ୍କର ନଗଦ ଟଙ୍କା ର ଆବଶ୍ୟକୀୟ ପରିମାଣ ଆକଳନ କରି ସେଇ ପରିମାଣ ର ଅନ୍ୟ ମୂଲ୍ୟବର୍ଗ ର ବୈଧ ବ୍ୟାଙ୍କ ନୋଟ ସଂଯୁକ୍ତ / ନିକଟସ୍ଥ କରେନ୍ସି ଚେଷ୍ଟ / ଭାରତୀୟ ରିଜର୍ଭ ବ୍ୟାଙ୍କ ରୁ ପ୍ରାପ୍ତ କରିପାରିବେ ।

ix. ନଗଦ ଟଙ୍କା ଜମା ମେସିନ / ମୁଦ୍ରା ପୁନଃ ପ୍ରଚାଳନକାରୀ ମେସିନ ଡିସେମ୍ବର ୩୦, ୨୦୧୬ ପର୍ଯ୍ୟନ୍ତ ବିଶିଷ୍ଟ ବ୍ୟାଙ୍କ ନୋଟ ଗ୍ରହଣ କରିବେ ।

x. ବିଶିଷ୍ଟ ବ୍ୟାଙ୍କ ନୋଟ ଗୁଡିକରୁ ବୈଧ ମୁଦ୍ରାର ମାନ୍ୟତା ପ୍ରତ୍ୟାହାର (ଅନୁବଂଧ -୨ ଅନୁସାରେ) ଏବଂ ମହାତ୍ମାଗାନ୍ଧୀ (ନୂତନ) ଶୃଙ୍ଖଳାର ବ୍ୟାଙ୍କ ନୋଟର ବିଶିଷ୍ଟ ସ୍ୱରୂପ ସମ୍ବନ୍ଧରେ ଜନସାଧାରଣଙ୍କୁ ସୂଚନା ତଥା ସେମାନଙ୍କୁ ଶିକ୍ଷା ଦେବାପାଇଁ ବିଷୟକ ତଥ୍ୟାବଳୀ ର ମୁଦ୍ରଣ ଏବଂ ସେଗୁଡିକର ପର୍ଯ୍ୟାପ୍ତ ସଂଖ୍ୟା ରେ ପ୍ରତିଲିପି ଜନସାଧାରଣ ଙ୍କୁ ବିତରଣ କରିବା ଆବଶ୍ୟକ ତଥା ବ୍ୟାଙ୍କିଙ୍ଗ ହଲ / ଏଟିଏମ କିଓସ୍କରେ ପ୍ରଦର୍ଶିତ କରିବାକୁ ହେବ ।

xi. ବିନିମୟ କାଉଣ୍ଟର ଗୁଡିକୁ ପରିଚାଳନା କରିବା ପାଇଁ ବ୍ୟାଙ୍କ ଗୁଡିକ ଷ୍ଟାଫ ମାନଙ୍କୁ ନିୟୋଜିତ କରିବେ, ଏହି ଯୋଜନା ସମ୍ବନ୍ଧରେ ସେମାନଙ୍କୁ ଉପଯୁକ୍ତ ସୂଚନା ଦେବେ ତଥା ଏହି ପ୍ରକ୍ରିୟା କିଭଳି ଭାବରେ କାର୍ଯ୍ୟକାରୀ ହେବ ସେ ସମ୍ବନ୍ଧରେ ଅନୁବନ୍ଧ -୪ ରେ ଦର୍ଶାଯାଇଥିବା ଏଫ ଏ କ୍ୟୁ (FAQ) ର ପ୍ରତିଲିପି ବିନିମୟ କାଉଣ୍ଟର ରେ କାର୍ଯ୍ୟ କରୁଥିବା ଷ୍ଟାଫ ମାନଙ୍କୁ ଯୋଗାଇ ଦେବାକୁ ହେବ ।

xii. ବର୍ଦ୍ଧିତ କାର୍ଯ୍ୟ ଭାର ତଥା ଅଚଳ ନୋଟ ଗୁଡିକର ତତ୍କାଳ ପରୀକ୍ଷଣ ପାଇଁ ନିଜ କାଉଣ୍ଟର ଗୁଡିକରେ ପର୍ଯ୍ୟାପ୍ତ ସଂଖ୍ୟକ ମୁଦ୍ରା ଗଣକ ମେସିନ, ୟୁଭି ଲ୍ୟାମ୍ପ, ନୋଟ ଚୟନ ମେସିନ ଇତ୍ୟାଦି ରଖିବାକୁ ହେବ । ଆମର ଅକ୍ଟୋବର ୨୭, ୨୦୧୬ ର ପରିପତ୍ର

ସଂ. ଡିସିଏସ (ଏଫଏନଭିଡି) ସଂ.୧୧୩୪/୧୬.୦୧.୦୫/୨୦୧୬-୧୭ ରେ ଆଗରୁ ଦିଆଯାଇଥିବା ନିର୍ଦ୍ଦେଶ ଅନୁସାରେ ବ୍ୟାଙ୍କିଙ୍ଗ ହଲ, ସର୍ବସାଧାରଣଂକ ପାଇଁ ଉଦ୍ଦିଷ୍ଟ ସ୍ଥାନ ଏବଂ କାଉଣ୍ଟର ଗୁଡିକ ସିସିଟିଭି ତତ୍ତ୍ୱାବଧାନ ରେ ରହିବେ ଏବଂ ସେଥିରେ ରେକର୍ଡ ହୋଇଥିବା ତଥ୍ୟ ଗୁଡିକର ସଂରକ୍ଷଣ ହେବା ଆବଶ୍ୟକ ।

୩. ନଭେମ୍ବର ୧୦, ୨୦୧୬ ରେ ହେବାକୁ ଥିବା କାର୍ଯ୍ୟସୂଚୀ

a. ନଭେମ୍ବର ୧୦, ୨୦୧୬ ରେ ବ୍ୟାଙ୍କ ଗୁଡିକ ସ୍ୱାଭାବିକ ଭାବରେ କାର୍ଯ୍ୟ ଆରମ୍ଭ କରିବେ ।

b. ବ୍ୟାଙ୍କ ଗୁଡିକ ବିଶିଷ୍ଟ ବ୍ୟାଙ୍କ ନୋଟ ର ବିନିମୟ / ଜମା ଗ୍ରହଣ କାର୍ଯ୍ୟ କୁ ପ୍ରାଥମିକତା ଦେବେ ଏବଂ ଜନସାଧାରଣ ଙ୍କ ଚାହିଦା ଅନୁଯାୟୀ ଅଧିକ ସଂଖ୍ୟକ କାଉଣ୍ଟର ଖୋଲିବାର ବ୍ୟବସ୍ଥା କରିବେ ଏବଂ ସେହି କାଉଣ୍ଟର ଗୁଡିକୁ ବର୍ଦ୍ଧିତ ସମୟ ପର୍ଯ୍ୟନ୍ତ କାର୍ଯ୍ୟ କରିବେ । ଆବଶ୍ୟକ ସ୍ଥଳେ ସର୍ବାଧିକ ସଂଖ୍ୟକ ଷ୍ଟାଫ ଙ୍କୁ ଏହି ଉଦ୍ଦେଶ୍ୟରେ ନିଯୁକ୍ତ କରିବାକୁ ହେବ । ଏପରିକି ବ୍ୟାଙ୍କ ଗୁଡିକ ଆବଶ୍ୟକ ହେଲେ ଅବସର ପ୍ରାପ୍ତ କର୍ମଚାରୀ ଙ୍କୁ ଅସ୍ଥାୟୀ ରୂପରେ ଏହି ଅତିରିକ୍ତ ଦାୟିତ୍ୱ ନିର୍ବାହ ପାଇଁ ନିଯୁକ୍ତ କରିପାରନ୍ତି ।

(ଗ) ନୋଟ ବିନିମୟ ସୁବିଧା ର ବ୍ୟବସ୍ଥା

ପାରା ୧ ର ଉପ ପାରା (୧) ର ସଂଦର୍ଭରେ ରେ ବ୍ୟାଂକିଂଗ କଂପାନୀ ବ୍ୟତୀତ ଅନ୍ୟ ଯେ କୌଣସି ବ୍ୟକ୍ତି ପାଖରେଥିବା ନିର୍ଦ୍ଦିଷ୍ଟ ବ୍ୟାଂକ ନୋଟ ଗୁଡିକୁ ଭାରତୀୟ ରିଜର୍ଭ ବ୍ୟାଂକ ର ଯେ କୌଣସି ନିର୍ଗମ ବିଭାଗ,ସରକାରୀ ବ୍ୟାଂକ ଗୁଡିକର ଯେ କୌଣସି ଶାଖା,ଘରୋଇ ବ୍ୟାଂକ୍,ବିଦେଶୀ ବ୍ୟାଂକ,ଆଂଚଳିକ ଗ୍ରାମ୍ୟ ବ୍ୟାଂକ ,ସହରୀ ସମବାୟ ବ୍ୟାଂକ ଏବଂ ରାଜ୍ୟ ସମବାୟ ବ୍ୟାଂକ ଠାରେ ନିମ୍ନଲିଖିତ ଶର୍ତ୍ତ ଅଧିନରେ ଡିସେମ୍ବର ୩୦,୨୦୧୬ ମଧ୍ୟରେ ବିନିମୟ ହୋଇ ପାରିବ ଯଥା:

(i) ସର୍ବମୋଟ ୪୦୦୦ ଟଂକା ବା ତାଠାରୁ କମ ମୂଲ୍ୟ ର ବିଶିଷ୍ଟ ବ୍ୟାଂକ ନୋଟ ଗୁଡିକ ରିଜର୍ଭ ବ୍ୟାଂକ ନିର୍ଦ୍ଦେଶିତ ଆବେଦନ ପତ୍ର ଏବଂ ଏକ ପରିଚୟ ପତ୍ର ଦ୍ୱାରା ଯେ କୌଣସିମୂଲ୍ୟ ବର୍ଗର ବୈଧ ମୁଦ୍ରା ସହ ବିନିମୟ ହୋଇ ପାରିବ ; ଏହି ଅଧିସୂଚନା କାର୍ଯକାରୀ ହେବାର ପଂଦର ଦିନପରେ ବିଶିଷ୍ଟ ବ୍ୟାଂକ ନୋଟ ର ବିନିମୟ ସୀମା ରସମୀକ୍ଷା କରାଯିବ ଏବଂ ଆବଶ୍ୟକ ହେଲେ ଉପଯୁକ୍ତ ଆଦେଶ ଜାରି କରାଯିବ।

(ii) ଜଣେ ବ୍ୟକ୍ତିର ବ୍ୟାଂକରେ ଥିବା ନିଜ ଖାତାରେ ଜମା କାରାଯାଉଥିବା ବିଶିଷ୍ଟ ବ୍ୟାଂକ ନୋଟର ସଂଖ୍ୟା ବା ମୂଲ୍ୟ ପାଇଁ କୌଣସି ସୀମା ନାହିଁ ;କିଂତୁ ଯେଉଁ କ୍ଷେତ୍ରରେ "ଆପଣଂକ ଗ୍ରାହକ କୁ ଜାଣଂତୁ" (KYC) ପ୍ରକ୍ରିୟା ର ସମ୍ପୂର୍ଣ୍ଣ ଅନୁପାଳନ ହୋଇ ନାହିଁ, ସେଠାରେ ଏହି ବିଶିଷ୍ଟ ବ୍ୟାଂକ ନୋଟର ବିନିମୟ ସୀମା ୫୦,୦୦୦ ଟଂକା ମଧ୍ୟରେ ହେବ ।

(iii) ଜମାକର୍ତ୍ତାଂକର ଯେ କୌଣସି ବ୍ୟାଂକ ରେ ଥିବା ଖାତାରେ ଜମା ହୋଇଥିବା ବିଶିଷ୍ଟ ବ୍ୟାଂକନୋଟ ଗୁଡିକର ସମ ମୂଲ୍ୟ ର ପରିମାଣ ଏକ ବୈଧ ପ୍ରମାଣପତ୍ର ଦାଖଲ ଦ୍ୱାରା ସାଧାରଣ ବ୍ୟାଂକିଂଗ ପ୍ରକ୍ରିୟାରେ ଜମା ହୋଇ ପାରିବ ।

(iv) ଯେ କୌଣସି ତୃତୀୟ ପକ୍ଷଂକ ଜମାଖାତା ରେ ମଧ ବିଶିଷ୍ଟ ବ୍ୟାଂକନୋଟ ଗୁଡିକର ସମମୂଲ୍ୟ ର ପରିମାଣ ଜମା ହୋଇ ପାରିବ,ଯଦି ପ୍ରକୃତ ଜମାକାର୍ତ୍ତାଂକର ପରିଚଯ ପତ୍ର ବ୍ୟାଂକରେ ଦାଖଲ କରାହୋଇ ଥିବ ତଥା ବିଧିବତ ଭାବରେ ବ୍ୟାଂକିଂଗ ନିୟମ ଅନୁଯାୟୀ ସେହି ତୃତୀୟ ପକ୍ଷ ଦ୍ୱାରା ଅଧିକାରପତ୍ର (ଅନୁବଂଧ -୫ ଅନୁଯାୟୀ) ପ୍ରଦତ୍ତ ହୋଇଥିବ ।

(v) କାଉଁଟର ରୁ ପ୍ରତ୍ୟେକ ଦିନ ଟଂକା ଉଠାଣର ସୀମା ୧୦,୦୦୦ ଟଂକା ହେବ ଏବଂ ଏହି ନିର୍ଦ୍ଦେଶନାମା ର ତାରିଖଠାରୁ ନଭେମ୍ବର ୨୪, ୨୦୧୬ ର କାର୍ଯ୍ୟ ସମାପ୍ତି ସମୟ ପର୍ଯ୍ୟଂତ ଏହି ଉଠାଣର ସାପ୍ତାହିକ ସୀମା ୨୦,୦୦୦/- ଟଂକା ରହିବ ।

(vi) ଅଣ-ନଗଦ ରାଶି ର ନେଣଦେଣ ଯଥା ଚେକ୍,ଡିମାଂଡ ଡ୍ରାଫ୍ଟ ,କ୍ରେଡିଟ ବା ଡେବିଟ କାର୍ଡ,ମୋବାଇଲ ୱାଲେଟ ଏବଂ ଇଲେକ୍ଟ୍ରୋନିକ ଅର୍ଥ ଅଂତରଣ ବ୍ୟବସ୍ଥା ଏବଂ ସେହିପରି ଅନ୍ୟ ମାଧ୍ୟମ ଜରିଆରେ ହେଉଥିବା ନେଣ ଦେଣ ଉପରେ କୌଣସି ପ୍ରତିବଂଧକ ରଖା ଯାଇ ନାହିଁ ।

(vii) ଅଟୋମେଟେଡ ଟେଲର ମେସିନ ((ଏହା ପରଠାରୁ ATM ଭାବରେ ପରିଚିତ ହେବ) ରୁ ଟଂକା ଉଠାଣ ନଭେମ୍ବର ୧୮, ୨୦୧୬ ପର୍ଯ୍ୟଂତ ପ୍ରତ୍ୟହ କାର୍ଡ ପିଛା ୨୦୦୦ ଟଂକା ମଧ୍ୟରେ ସିମିତ ରହିବ ଏବଂ ନଭେମ୍ବର ୧୯,୨୦୧୬ ଠାରୁ ଏହି ସୀମା ୪୦୦୦/- ଟଂକା କୁ ବର୍ଦ୍ଧିତ ହେବ।

(viii) ଯଦି କୌଣସି ବ୍ୟକ୍ତି ଡିସେମ୍ବର ୩୦,୨୦୧୬ ମଧ୍ୟରେ ଏହି ବିଶିଷ୍ଟ ବ୍ୟାଂକ ନୋଟ ଗୁଡିକୁ ବିନିମୟ ବା ଜମା କରିବାରେ ଅସଫଳ ହୁଅଂତି, ତେବେ ପରବର୍ତ୍ତୀ ତାରିଖ ନିର୍ଦ୍ଦିଷ୍ଟ ହେବା ପର୍ଯ୍ୟଂତ ତାଂକୁ ରିଜର୍ଭ ବ୍ୟାଂକ ର ନିର୍ଦ୍ଦିଷ୍ଟ କାର୍ଯ୍ୟାଳୟ ରେ ଜମା କରିବାପାଇଁ ବା ସେହି ସଂକ୍ରାଂତୀୟ ଅନ୍ୟ କାର୍ଯ୍ୟ ପାଇଁ ଅନୁମତି ଦିଆ ଯିବ ।

(ix) ବ୍ୟାଂକ ଶାଖା ମାନଂକ ପରି ବ୍ୟବସାୟିକ ପ୍ରତିନିଧି ମାନେ ମଧ ବୈଧ ପରିଚୟ ପତ୍ର ଏବଂ ଆବେଦନ ପତ୍ର ଜମାକରି ପ୍ରତି ବ୍ୟକ୍ତି ପାଇଁ ସର୍ବାଧିକ ୪୦୦୦ ଟଂକା ପର୍ଯ୍ୟଂତ ବିଶିଷ୍ଟ ବ୍ୟାଂକନୋଟ ଗୁଡିକର ବିନିମୟ କରିପାରିବେ ।ଏହି ଉଦ୍ଦେଶ୍ୟରେ ବ୍ୟାଂକ ମାନେ ତାଂହିଁ ଲେ ନିଜ ବିବେକାଧୀନ ଶକ୍ତି ପ୍ରୟୋଗ କରି ଅଂତତଃ ଡିସେମ୍ବର ୩୦,୨୦୧୬ ପର୍ଯ୍ୟଂତ ଏହି ବ୍ୟବସାୟୀକ ପ୍ରତିନିଧି ମାନଂକର ନଗଦ ରାଶି ପାଖରେ ରଖିବାର ସୀମା ବଢାଇ ପାରିବେ ।

(x) ଜନ ଧନ ଯୋଜନା ଅଂତର୍ଗତ ଖାତା ଗୁଡିକରେ ବିଶିଷ୍ଟ ବ୍ୟାଂକନୋଟ ଗୁଡିକର ମୂଲ୍ୟ ଜମା କରିବା ସମୟରେ ଏହି ଖାତାର ସ୍ୱାଭାବିକ ସୀମା ପୂର୍ବବତ ଅପରିବର୍ତ୍ତିତ ରହିବ ।

୪. ରିପୋର୍ଟିଂଗ ବ୍ୟବସ୍ଥା

୫୦୦ ଟଂକା ଏବଂ ୧୦୦୦ ଟଂକା ବିନିମୟ କରୁଥିବା ପ୍ରତ୍ୟେକ ବ୍ୟାଂକ ଶାଖା ନଭେମ୍ବର୧୦,୨୦୧୬ ଠାରୁ ପ୍ରତ୍ୟେକ ଦିନ କାର୍ଯ୍ୟ ସମାପ୍ତି ସମୟ ପରେ ଡିସେମ୍ବର ୩୦,୨୦୧୬ରେ ଏହି ଯୋଜନାର ସମାପ୍ତି ପର୍ଯ୍ୟଂତ(ଅଥବା ଭରତୀୟ ରିଜର୍ଭ ବ୍ୟାଂକ ଦ୍ୱାରା ଅନ୍ୟ କୌଣସି ତାରିଖ ର ଘୋଷଣା ପର୍ଯ୍ୟଂତ) ଇ- ମେଲ ବା ଫ୍ୟାକ୍ସ ଦ୍ୱାରା ସେମାନଂକ ନିୟଂତ୍ରକ କାର୍ଯ୍ୟାଳୟ କୁ ଅନୁବଂଧ -୬ ରେ ଦି ଆ ଯାଇଥିବା ବିବରଣୀ ଅନୁସାରେ ସେମାନଂକ ଦ୍ୱାରା ବିନିମୟ ହୋଇ ଥିବା ବିଶିଷ୍ଟ ବ୍ୟାଂକନୋଟ ଗୁଡିକର **ବିସ୍ତୃତ ଭାବରେ ଜଣାଇବେ ଏବଂ ସମ୍ପୃକ୍ତ ନିୟଂତ୍ରକ କାର୍ଯ୍ୟାଳୟ ମାନେ ସେଗୁଡିକୁ ଏକତ୍ରିତ କରି ଅନୁବଂଧ ୬ କ ଅନୁସାରେ ପ୍ରତ୍ୟେକ ଦିନ ରିଜର୍ଭ ବ୍ୟାଂକ ର କେଂଦ୍ରୀୟ କାର୍ଯ୍ୟାଳୟ ସ୍ଥିତ ମୁଦ୍ରା ପ୍ରବଂଧ ବିଭାଗକୁ ଇ-ମେଲ ଦ୍ୱାରା ଜଣାଇବେ।**

୫. ବ୍ୟାଂକ ମାନେ ସେମାନଂକ ଶାଖାମାନଂକୁ ଉପରୋକ୍ତ ଯୋଜନା ର ନିୟମ ଏବଂ ପ୍ରକ୍ରିୟା ସମ୍ବଂଧରେ ବିସ୍ତୃତଭାବରେ ଅନୁଦେଶ ଜାରିକରିବା ସହ ସେଗୁଡିକର କଠୋର ଅନୁପାଳନ ସୁନିଶ୍ଚିତ କରିବେ । ବ୍ୟାଂକ ଶାଖାର ଷ୍ଟାଫମାନଂକୁ,ବିଶେଷ କରି ଟେଲର ମାନଂକୁ ଏହି ସମ୍ବଂଧରେ ପର୍ଯ୍ୟାପ୍ତ ମାତ୍ରା ରେ ସଚେତନ କରିବାକୁହେବ ।ଏହି ଉଦ୍ଦେଶ୍ୟରେ ଆମର ୱେବ ସାଇଟ (www.rbi.org.in) ଏବଂ ଭାରତ ସରକାରଂକର ୱେବସାଇଟ ରେ ଉପଲବ୍ଧ ସୂଚନା ଗୁଡିକୁ ଧ୍ୟାନ ଦେବାକୁ ହେବ।

୬ .ବ୍ୟାଂକ ମାନେ ସୂଚନା ପୁସ୍ତିକା (ଅନୁବଂଧ-୨, ଅନୁବଂଧ-୩, ଏବଂ ଅନୁବଂଧ -୪ ରେ ଉପଲବ୍ଧ) ଗୁଡିକୁ ଅଧିକ ସଂଖ୍ୟା ରେ ଛପାଇ ସର୍ବସାଧାରଣଂକୁ ବାଂଟିବେ I

୭. ବ୍ୟାଂକ ମାନେ ବ୍ୟବସାୟିକ ପ୍ରତିନଧି ମାନଂକୁ,ଏଟିଏମ ସ୍ୱିଚ ପରିଚାଳକ ମାନଂକୁ ତଥା ସିଆଇଟି କମ୍ପାନୀ ମାନଂକୁ ଏହି ଯୋଜନାର ଆବଶ୍ୟକୀୟ ତଥ୍ୟ ଗୁଡିକ ସମଂଧରେ ଅନୁଦେଶ ଜାରି କରିବେ।

୮.ବ୍ୟାଂକ ମାନେ ଅତି କମ ରେ ଏକ ମହା ପ୍ରବଂଧକଂକ ନେତୃତ୍ୱ ରେ, ଏକ ପର୍ଯ୍ୟବେକ୍ଷଣ କକ୍ଷ ସ୍ଥାପନ କରି ପ୍ରତ୍ୟେକ ଦିନ ଏହି ଯୋଜନାର କାର୍ଯ୍ୟକାରିତା ଅନୁଧ୍ୟାନ କରିବେ ଯିଏ ନୋଡାଲ ଅଧିକାରୀ ରୂପରେ କାର୍ଯ୍ୟ କରିବେ। ଏହି ନୋଡାଲ ଅଧିକାରୀଂକ ସଂପର୍କ ଠିକଣା ଭାରତୀୟ ରିଜର୍ଭ ବ୍ୟାଂକର ଆଂଚଳିକ କାର୍ଯ୍ୟାଳୟ କୁ ଜଣାଇବେ ଏବଂ ଏହାର ଏକ ପ୍ରତିଲିପି ଭାରତୀୟ ରିଜର୍ଭ ବ୍ୟାଂକର ମୁମ୍ବାଇ ସ୍ଥିତ କେଂଦ୍ରୀୟ କର୍ଯ୍ୟାଳୟ କୁ ନିମ୍ନରେ ଦି ଆଯାଇଥିବା ଇ-ମେଲ ଦ୍ୱାରା ଜଣାଇବେ I

୯. ଭାରତୀୟ ରିଜର୍ଭ ବ୍ୟାଂକ ଏହି ଯୋଜନାରପ୍ରଗତି ଏବଂ ଜନସଧାରଣଂକ ଅବଗତି ନିମଂତେ ଏହାର କେଂଦ୍ରୀୟ କାର୍ଯ୍ୟାଳୟ ଠାରେ ଏକ ନିୟଂତ୍ରଣ କକ୍ଷ ର ସ୍ଥାପନା କରିଛି I ଏହି ନିୟଂତ୍ରଣ କକ୍ଷ ର ଇ-ମେଲ ଏବଂ ଦୁରଭାଷ ସଂଖ୍ୟା ନିମ୍ନରେ ଦିଆଯାଇଛି:

ଇ-ମେଲ ଆଇଡି .

ଦୁରଭାଷ : 022 22602804 /022 22602944

୧୦. ଦୟା କରି ପ୍ରାପ୍ତି ସ୍ୱୀକାର କରଂତୁ I

ଆପଣଂକର ବିଶ୍ୱସ୍ଥ

(ପି ବିଜୟ କୁମାର)

ମୁଖ୍ୟ ମହା ପ୍ରବଂଧକ

ସଂଲଗ୍ନକ: ଯଥୋପରି

ଅନୁବଂଧ-୧

ନଭେମ୍ବର ୦୯,୨୦୧୬ ର ୧୩.୦୦ ସମୟରେ ବ୍ୟାଂକ ଶାଖା ମାନଂକ ଦ୍ୱାରା ନିୟଂତ୍ରଣ କାର୍ଯ୍ୟାଳୟ କୁ ପଠାଇବା ବିବରଣୀ

ନଭେମ୍ବର ୮,୨୦୧୬ ମଧ ରାତ୍ରୀ ପର୍ଯ୍ୟଂତ   ଏଟିଏମ୍,ଅର୍ଥ ପୁନଃ ପ୍ରଚଳନକାରୀ ମେସିନ, ନଗଦ ଟଂକା ନିଷ୍କାଷନ ମେସିନ, ମୁଦ୍ର ବିତରଣ ମେସିନ, ଏବଂ ଟଂକାଗ୍ରହଣ/ବିତରଣ କରୁଥିବା ନ୍ୟ ଯେ କୌଣସି ମେସିନ ସମେତ   ବ୍ୟାଂକମାନଂକର ନିଜ ତତ୍ତ୍ୱାବଧାନରେଥିବା ଟଂକା ଏବଂ ୧୦୦୦ଟଂକାର ପ୍ରତ୍ୟାହରଣ ବିବରଣୀ

ବ୍ୟାଂକ ର ନାମ : -------------------------------------

ବ୍ୟାଂକ ଶାଖାର ନାମ :---------------------------------   ଆଇଏଫଏସସି କୋଡ ---------------------

ମୂଲ୍ୟବର୍ଗ	ସଂଖ୍ୟା	ସମୁଦାୟ ମୂଲ୍ୟ
୫୦୦ ଟଂକା		
୧୦୦୦ ଟଂକା		
ମୋଟ		

ଭାର ପ୍ରାପ୍ତ ଶାଖା ଅଧିକାରୀଂକ ନାମ ଏବଂ ପଦବୀ

ଭାର ପ୍ରାପ୍ତ ଶାଖା ଅଧିକାରୀଂକ ସ୍ୱାକ୍ଷର ------------------------------

ତାରିଖ:------------------------

ସ୍ଥାନ :-----------------------------

ଅନୁବନ୍ଧ -୨

ପ୍ରଚଳିତ ୫୦୦/- ଏବଂ ୧୦୦୦/- ଟଙ୍କା ମୂଲ୍ୟବର୍ଗର ବ୍ୟାଙ୍କ ନୋଟ ଗୁଡିକରୁ ବୈଧ ମୁଦ୍ରା ମାନ୍ୟତା ପ୍ରତ୍ୟାହାର – ଏହି ଯୋଜନାର ପ୍ରମୁଖ ବୈଶିଷ୍ଟ୍ୟ

1. ଭାରତ ସରକାରଙ୍କ ଦ୍ୱାରା ତା. ୦୮ ନଭମ୍ବର ୨୦୧୬ ରେ ଜାରି ହୋଇଥିବା ରାଜପତ୍ର ଅଧିସୂଚନା ସଂ ୨୬୫୨ ଅନୁସାରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ୦୮ ନଭମ୍ବର ୨୦୧୬ ପର୍ଯ୍ୟନ୍ତ ଜାରି ୫୦୦/- ଏବଂ ୧୦୦୦/- ଟଙ୍କା ମୂଲ୍ୟବର୍ଗର ବ୍ୟାଙ୍କନୋଟଗୁଡିକ, ଯେଉଁଗୁଡିକୁ ଏହାପରେ ବିଶିଷ୍ଟ ବ୍ୟାଙ୍କ ନୋଟ (ଏସବିଏନ) କୁହାଯିବ, ତା. ୦୯ ନଭମ୍ବର ୨୦୧୬ ରୁ ସେଗୁଡିକର ସମସ୍ତ ପ୍ରକାର ଲେଣଦେଣ ଏବଂ ହିସାବ କିତାବ ନିମନ୍ତେ ଏହାର ବୈଧ ମୁଦ୍ରା ମାନ୍ୟତାକୁ ସମାପ୍ତ କରିଦିଆଯାଇଛି।

2. ବ୍ୟାଙ୍କ ଅଥବା ସରକାରୀ ଟ୍ରେଜେରୀ ବ୍ୟତୀତ ଅନ୍ୟ ଯେ କୌଣସି ବ୍ୟକ୍ତି ପାଖରେଥିବା ନିର୍ଦ୍ଦିଷ୍ଟ ବ୍ୟାଙ୍କ ନୋଟ ଗୁଡିକୁ ଭାରତୀୟ ରିଜର୍ଭ ବ୍ୟାଙ୍କ ର ଯେ କୌଣସି ୧୯ ଟି ନିର୍ଗମ ବିଭାଗ,ସରକାରୀ ବ୍ୟାଙ୍କ ଗୁଡିକର ଯେ କୌଣସି ଶାଖା,ଘରୋଇ ବ୍ୟାଙ୍କ ,ବିଦେଶୀ ବ୍ୟାଙ୍କ ,ଆଂଚଳିକ ଗ୍ରାମ୍ୟ ବ୍ୟାଙ୍କ ,ସହରୀ ସମବାୟ ବ୍ୟାଙ୍କ ଏବଂ ରାଜ୍ୟ ସମବାୟ ବ୍ୟାଙ୍କ ଠାରେ ନିମ୍ନଲିଖିତ ଶର୍ତ୍ତ ଅଧିନରେ ଡିସେମ୍ବର ୩୦,୨୦୧୬ ମଧ୍ୟରେ ବିନିମୟ ହୋଇ ପାରିବ। ଯଥା:

କ) ସର୍ବମୋଟ ୪୦୦୦/- ବା ତାଠାରୁ କମ ମୂଲ୍ୟ ବିଶିଷ୍ଟ ବ୍ୟାଙ୍କ ନୋଟର ଯେ କୌଣସି ମୂଲ୍ୟ ବର୍ଗର ବୈଧ ମୁଦ୍ରା ସହ ବିନିମୟ ପାଇଁ ଏହି ଉଚ୍ଚ ମୂଲ୍ୟ ବର୍ଗର ବ୍ୟାଙ୍କ ନୋଟ ସହ ରିଜର୍ଭ ବ୍ୟାଙ୍କ ନିର୍ଦ୍ଦେଶିତ ଆବେଦନ ପତ୍ର (ଅନୁବନ୍ଧ ୫ ଅନୁସାରେ) ଏବଂ ଏକ ପରିଚୟ ପତ୍ର (ଅନୁବନ୍ଧ ୫ ର ନିର୍ଦ୍ଦେଶ ଅନୁସାରେ) ଦ୍ୱାରା ଯେ କୌଣସି ବ୍ୟାଙ୍କ ଶାଖା ବା ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଗମ କାର୍ଯ୍ୟାଳୟରେ ହୋଇ ପାରିବ।

ଖ) ୪୦୦୦/- ଟଙ୍କା ରୁ ଉର୍ଦ୍ଧ୍ୱ ଏହି ଉଚ୍ଚ ମୂଲ୍ୟବର୍ଗର ବିଶିଷ୍ଟ ବ୍ୟାଙ୍କ ନୋଟର ସମମୂଲ୍ୟ ବିନିମୟ ଜମାକର୍ତ୍ତାଙ୍କ ବ୍ୟାଙ୍କ ଖାତା ଥିବା ଶାଖାରେ ହେବ ଏବଂ ବିନିମୟ ମୂଲ୍ୟ ଜମା ଖାତାରେ ଜମା ହୋଇପାରିବ। ୧୫ ଦିନ ପରେ ବ୍ୟାଙ୍କ ଶାଖା ଗୁଡିକରେ ଅଥବା ଭାରତୀୟ ରିଜର୍ଭ ବ୍ୟାଙ୍କରେ ହେଉଥିବା ଏହି ବିଶିଷ୍ଟ ବ୍ୟାଙ୍କ ନୋଟର ସର୍ବାଧିକ ୪୦୦୦/- ଟଙ୍କା ମୂଲ୍ୟର ବିନିମୟ ସୀମା ଉପରେ ସମୀକ୍ଷା କରାଯିବ।

ଗ) ବିଶିଷ୍ଟ ବ୍ୟାଙ୍କ ନୋଟ ଜମା ହେଉଥିବା ଶାଖାରେ ଜମାକର୍ତ୍ତାଙ୍କ ଖାତାରେ ଜମା ହେଉଥିବା ବିନିମୟ ମୂଲ୍ୟର କୌଣସି ନିର୍ଦ୍ଦିଷ୍ଟ ସୀମା ନାହିଁ।

ଘ) ଜମାକର୍ତ୍ତାଙ୍କର ଯେ କୌଣସି ବ୍ୟାଙ୍କ ରେ ଥିବା ଖାତାରେ ଜମା ହୋଇଥିବା ବିଶିଷ୍ଟ ବ୍ୟାଙ୍କ ନୋଟ ଗୁଡିକର ସମ ମୂଲ୍ୟ ର ପରିମାଣ ଏକ ବୈଧ ପ୍ରମାଣପତ୍ର ଦାଖଲ ଦ୍ୱାରା ସାଧାରଣ ବ୍ୟାଙ୍କିଙ୍ଗ ପ୍ରକ୍ରିୟାରେ ଜମା ହୋଇ ପାରିବ ।

ଙ) ଯେକୌଣସି ତୃତୀୟ ପକ୍ଷଙ୍କ ଜମାଖାତା ରେ ମଧ୍ୟ ବିଶିଷ୍ଟ ବ୍ୟାଙ୍କ ନୋଟ ଗୁଡିକର ସମମୂଲ୍ୟ ର ପରିମାଣ ଜମା ହୋଇ ପାରିବ,ଯଦି ପ୍ରକୃତ ଜମାକାର୍ତ୍ତାଙ୍କର ପରିଚୟ ପତ୍ର ବ୍ୟାଙ୍କ ରେ ଦାଖଲ କରାହୋଇ ଥିବ ତଥା ବିଧିବତ ଭାବରେ ବ୍ୟାଙ୍କିଙ୍ଗ ନିୟମ ଅନୁଯାୟୀ ସେହି ତୃତୀୟ ପକ୍ଷ ଦ୍ୱାରା ଅଧିକାରପତ୍ର (ଅନୁବନ୍ଧ -୫ ଅନୁଯାୟୀ) ପ୍ରଦତ୍ତ ହୋଇଥିବ ।

ଚ) ଜଣେ ବ୍ୟକ୍ତିର ବ୍ୟାଙ୍କ ରେ ଥିବା ନିଜ ଖାତାରେ ଜମା କାରାଯାଉଥିବା ବିଶିଷ୍ଟ ବ୍ୟାଙ୍କ ନୋଟର ସଂଖ୍ୟା ବା ମୂଲ୍ୟ ପାଇଁ କୌଣସି ସୀମା ନାହିଁ ; କିନ୍ତୁ ଯେଉଁ କ୍ଷେତ୍ରରେ "ଆପଣଙ୍କ ଗ୍ରାହକ କୁ ଜାଣନ୍ତୁ " (KYC) ପ୍ରକ୍ରିୟା ର ସମ୍ପୂର୍ଣ୍ଣ ଅନୁପାଳନ ହୋଇ ନାହିଁ, ସେଠାରେ ଏହି ବିଶିଷ୍ଟ ବ୍ୟାଙ୍କ ନୋଟର ବିନିମୟ ସୀମା ୫୦,୦୦୦ଟଙ୍କା ମଧ୍ୟରେ ହେବ ।

ଛ) କାଉଣ୍ଟର ରୁ ପ୍ରତ୍ୟେକ ଦିନଟଙ୍କା ଉଠାଣର ସୀମା ୧୦,୦୦୦ଟଙ୍କା ହେବ ଏବଂ ଏହି ନିର୍ଦ୍ଦେଶନାମା ର ତାରିଖଠାରୁ ନଭେମ୍ବର ୨୪, ୨୦୧୬ ର କାର୍ଯ୍ୟ ସମାପ୍ତି ସମୟ ପର୍ଯ୍ୟନ୍ତ ଏହି ଉଠାଣର ସାପ୍ତାହିକ ସୀମା ୨୦,୦୦୦/-ଟଙ୍କା ରହିବ ।

ଜ) ଅଣ-ନଗଦ ରାଶି ର ନେଣଦେଣ ଯଥା ଚେକ୍, ଡିମାଣ୍ଡ ଡ୍ରାଫ୍ଟ ,କ୍ରେଡିଟ ବା ଡେବିଟ କାର୍ଡ,ମୋବାଇଲ ୱାଲେଟ ଏବଂ ଇଲେକ୍ଟ୍ରୋନିକ ଅର୍ଥ ଅନ୍ତରଣ ବ୍ୟବସ୍ଥା ଏବଂ ସେହିପରି ଅନ୍ୟ ମାଧ୍ୟମ ଜରିଆରେ ହେଉଥିବା ନେଣ ଦେଣ ଉପରେ କୌଣସି ପ୍ରତିବନ୍ଧକ ରଖା ଯାଇ ନାହିଁ ।

ଝ) ଅଟୋମେଟେଡ ଟେଲର ମେସିନରୁ (ଏହା ପରଠାରୁ ATM ଭାବରେ ପରିଚିତ ହେବ) ଟଙ୍କା ଉଠାଣ ନଭେମ୍ବର ୧୮, ୨୦୧୬ ପର୍ଯ୍ୟନ୍ତ ପ୍ରତ୍ୟହ କାର୍ଡ ପିଛା ୨୦୦୦ଟଙ୍କା ମଧ୍ୟରେ ସିମିତ ରହିବ ଏବଂ ନଭେମ୍ବର ୧୯,୨୦୧୬ ଠାରୁ ଏହି ସୀମା ୪୦୦୦/-ଟଙ୍କା କୁ ବର୍ଦ୍ଧିତ ହେବ। ସବୁ ଏଟିଏମ ଗୁଡିକ ଭାରତୀୟ ରିଜର୍ଭ ବ୍ୟାଙ୍କର ପରବର୍ତ୍ତୀ ନିର୍ଦ୍ଦେଶାବଳୀ ପର୍ଯ୍ୟନ୍ତ କେବଳ ୧୦୦/- ଏବଂ ୫୦/- ଟଙ୍କା ବିତରଣ କରିପାରିବେ।

ଞ) ଯଦି କୌଣସି ବ୍ୟକ୍ତି ଡିସେମ୍ବର ୩୦,୨୦୧୬ ମଧ୍ୟରେ ଏହି ବିଶିଷ୍ଟ ବ୍ୟାଙ୍କ ନୋଟ ଗୁଡିକୁ ବିନିମୟ ବା ଜମା କରିବାରେ ଅସଫଳ ହୁଅନ୍ତି , ତେବେ ପରବର୍ତ୍ତୀ ତାରିଖ ନିର୍ଦ୍ଦିଷ୍ଟ ହେବା ପର୍ଯ୍ୟନ୍ତ ତାଙ୍କୁ ରିଜର୍ଭ ବ୍ୟାଙ୍କ ର ନିର୍ଦ୍ଦିଷ୍ଟ କାର୍ଯ୍ୟାଳୟ ରେ ଜମା କରିବାପାଇଁ ବା ସେହି ସଂକ୍ରାନ୍ତୀୟ ଅନ୍ୟ କାର୍ଯ୍ୟ ପାଇଁ ଅନୁମତି ଦିଆଯିବ ।

ଏବେ ଆପଣଙ୍କ ବ୍ୟାଙ୍କ ନୋଟ ଏକ ନୂଆ ଡିଜାଇନରେ

ଭାରତୀୟ ରିଜର୍ଭ ବ୍ୟାଙ୍କ ଏକ ନୂଆ କ୍ରମରେ ଜାରୀ କରୁଛି ₹2000 ଏବଂ ₹500 ର ନୋଟ

ନୂତନ ₹500 ଏବଂ ₹2000 ନୋଟର ପ୍ରଭେଦ ସୂଚକ ବିଶେଷତା ଗୁଡ଼ିକ :

₹2000:

ଆକାର: 66mm x 166mm | ରଙ୍ଗ: ମାଜେଂଟା (ଗାଢ଼ ଗୋଲାପୀ ରଙ୍ଗ)

ବିଷୟ: ଅନ୍ତଗ୍ରହୀୟ ମହାକାଶରେ ଦେଶର ପ୍ରଥମ ଉଦ୍ୟମକୁ ଚିତ୍ରଣ କରୁଥିବା ମଙ୍ଗଳଯାନର ରୂପାଙ୍କନ

ଦୃଷ୍ଟିହୀନ ବ୍ୟକ୍ତିମାନଙ୍କ ପାଇଁ :

i) ଡାହାଣପଟରେ ଉପରକୁ ଉଠିଥିବା ମୁଦ୍ରଣରେ ₹2000 ସାଥିରେ ଥିବା ସମାନ୍ତର ଆୟତକ୍ଷେତ୍ର

ii) ବାମ ଓ ଡାହାଣ ପଟରେ ଉପରକୁ ଉଠିଥିବା ମୁଦ୍ରଣରେ 7 ଟି କୋଣୀୟ ବ୍ଲିଡ଼ ରେଖା

₹500:

ଆକାର: 66mm x 150mm | ରଙ୍ଗ: ପଥୁରିଆ ଧୂସର (ଷ୍ଟୋନ ଗ୍ରେ)

ବିଷୟ: ଭାରତୀୟ ଐତିହାସିକ ସ୍ଥଳ - ଲାଲ କିଲ୍ଲା ।

ଦୃଷ୍ଟିହୀନ ବ୍ୟକ୍ତିମାନଙ୍କ ପାଇଁ :

i) ଡାହାଣପଟରେ ଉପରକୁ ଉଠିଥିବା ମୁଦ୍ରଣରେ ₹500 ସାଥିରେ ଥିବା ସର୍କଲ

ii) ବାମ ଓ ଡାହାଣ ପଟରେ ଉପରକୁ ଉଠିଥିବା ମୁଦ୍ରଣରେ 5 ଟି ବ୍ଲିଡ଼ ରେଖା

ନୂତନ ₹500 ଏବଂ ₹2000 ନୋଟର ସାଧାରଣ ବିଶେଷତା ଗୁଡ଼ିକ :

ସମ୍ମୁଖ ଭାଗ :

1. ରେଜିଷ୍ଟର ମାଧ୍ୟମ ଦେଇ ମୂଲ୍ୟବର୍ଗ ଅଙ୍କ ଦୃଶ୍ୟମାନ
2. ମୂଲ୍ୟବର୍ଗ ଅଙ୍କର ଅପ୍ରକଟ ଛବି
3. ମୂଲ୍ୟବର୍ଗ ଅଙ୍କ ଦେବନାଗରୀରେ
4. ମହାତ୍ମା ଗାନ୍ଧୀଙ୍କ ଚିତ୍ରର ଅଭିମୁଖୀକରଣ ଏବଂ ସମ୍ବନ୍ଧିତ ସ୍ଥିତିରେ ପରିବର୍ତନ
5. ନୋଟକୁ ତେରେଛା କଲେ ଥ୍ରିଣ୍ଡୋଡ ସୁରକ୍ଷା ସୂତାର ଶାଗୁଆ ରଂଗ, ନୀଳ ରଂଗରେ ବଦଳିଯାଏ
6. ଗ୍ୟାରେଣ୍ଟୀ କ୍ଲଜ, ପ୍ରମିଜ କ୍ଲଜ ସହ ଗଭର୍ନରଙ୍କ ହସ୍ତାକ୍ଷର ଏବଂ ଆରବିଆଇର ପ୍ରତୀକକୁ ଡାହାଣ ଆଡ଼କୁ ଘୁଂଚେଇ ଦିଆଯାଇଛି
7. ରୂପଚିତ୍ର ଆଉ ଇଲେକ୍ଟ୍ରୋଟାଇପ ୱାଟରମାର୍କ
8. ସଂଖ୍ୟା ପ୍ୟାନେଲରେ ଉପର ବାଁଆ ପଟେ ତଥା ତଳେ ଡାହାଣ ପଟରେ ଛୋଟରୁ ବଡ଼ ଆକାରରେ ବଢୁଥିବା ଅଙ୍କ
9. ଡାହାଣପଟ ନିମ୍ନରେ ସଂଖ୍ୟାରେ ମୂଲ୍ୟବର୍ଗ ସହିତ ରଙ୍ଗ ବଦଳୁଥିବା (ଶାଗୁଆରୁ ନୀଳ) ସ୍ୟାହିରେ ଟଙ୍କା ଚିହ୍ନ
10. ଡାହାଣପଟରେ ଅଶୋକ ସ୍ତମ୍ଭ ପ୍ରତୀକ

ଦୃଷ୍ଟିହୀନ ବ୍ୟକ୍ତିମାନଙ୍କ ପାଇଁ

ମହାତ୍ମା ଗାନ୍ଧୀଙ୍କ ଚିତ୍ର, ଅଶୋକ ସ୍ତମ୍ଭ ପ୍ରତୀକ, ବ୍ଲିଡ଼ ରେଖା ଏବଂ ପରିଚୟ ଚିହ୍ନ ଇଣ୍ଟାଗ୍ଲିଓ ବା ଉପରକୁ ଉଠିଥିବା ମୁଦ୍ରଣରେ ଅଙ୍କିତ ।

ପୃଷ୍ଠଭାଗ :

11. ନୋଟର ମୁଦ୍ରଣ ବର୍ଷ ବାମ ପଟରେ
12. ସ୍ଲୋଗାନ ସହିତ ସ୍ୱଚ୍ଛ ଭାରତ ଲୋଗୋ
13. ଲେଙ୍ଗୁଏଜ ଆଡ଼କୁ ଭାଷା ପ୍ୟାନେଲ
14. ଡାହାଣ ପଟରେ ଦେବନାଗରୀରେ ମୂଲ୍ୟବର୍ଗ ଅଙ୍କ

ଅନ୍ୟ ମୂଲ୍ୟବର୍ଗର ନୋଟ ବି ଶୀଘ୍ର ନୂଆ ଡିଜାଇନରେ ଜାରୀ କରାଯିବ

ବିସ୍ତୃତ ସୂଚନା ପାଇଁ ଦୟାକରି: www.paisaboltahai.rbi.org.in କୁ ଯାଆନ୍ତୁ
email: publicquery@rbi.org.in | Call: 022-22602201/22602944

davp 15201/13/0126/1617

MINISTRY OF FINANCE GOVERNMENT OF INDIA

ଜନହିତରେ ଜାରୀ:

ଭାରତୀୟ ରିଜର୍ଭ ବ୍ୟାଙ୍କ
RESERVE BANK OF INDIA
www.rbi.org.in

ଅନୁବନ୍ଧ -୪

୫୦୦ ଏବଂ ୧୦୦୦ ଟଙ୍କା ମୂଲ୍ୟବର୍ଗର ପ୍ରଚଳିତ ବ୍ୟାଙ୍କ ନୋଟ ଗୁଡିକରୁ ବୈଧ ମୁଦ୍ରା ମାନ୍ୟତା ପ୍ରତ୍ୟାହାର ସଂବନ୍ଧରେ ବାରମ୍ବାର ପଚରା ଯାଉଥିବା ପ୍ରଶ୍ନ (FAQ)

1. ଏହି ଯୋଜନା କାହିଁକି ଆରମ୍ଭ କରାଗଲା ?

   ଉଚ୍ଚ ମୂଲ୍ୟବର୍ଗର ଭାରତୀୟ ମୁଦ୍ରାର ଜାଲି ନୋଟର ପ୍ରାଦୁର୍ଭାବ ବଢି ଚାଲିଛି। ଯଦିଓ ଏହି ଜାଲି ନୋଟଗୁଡିକରେ ସୁରକ୍ଷା ବୈଶିଷ୍ଟ୍ୟକୁ ନକଲ କରାଯାଇପାରୁ ନାହିଁ ତଥାପି ସାଧାରଣ ଜନତାଙ୍କୁ ଏହି ଜାଲି ନୋଟ ଗୁଡିକ ପ୍ରକୃତ ନୋଟ ପରି ମନେ ହେଉଛି। ଏହି ଜାଲି ନୋଟ ଗୁଡିକ ଅନ୍ତର୍ଘାତୀ ଏବଂ ରାଷ୍ଟ୍ର ବିରୋଧି କାର୍ଯ୍ୟରେ ଲଗାଯାଉଛି। ଏହି ଉଚ୍ଚ ମୂଲ୍ୟ ବର୍ଗର ନୋଟ ଗୁଡିକ ଆତଙ୍କବାଦୀ ମାନଙ୍କ ଦ୍ୱାରା ଏବଂ କଳାଧନ ଗଚ୍ଛିତ କରିବା ଉଦ୍ଦେଶ୍ୟରେ ଅପବ୍ୟବହାର କରାଯାଉଛି। ଭାରତର ଅର୍ଥନୀତି ଯେହେତୁ ବହୁଳ ଭାବରେ ନଗଦ ଟଙ୍କା ଉପରେ ନିର୍ଭରଶୀଳ, ଏହି ନକଲି ମୁଦ୍ରା ଗୁଡିକ ଏକ ଭୟଙ୍କର ସମସ୍ୟା ସୃଷ୍ଟି କରିଛି। ଜାଲି ନୋଟ ଏବଂ କଳାଧନର ଏହି ବର୍ଦ୍ଧିତ କାରବାରକୁ ରୋକିବା ଉଦ୍ଦେଶ୍ୟରେ ଏହି ପ୍ରତ୍ୟାହାର ଯୋଜନାର ଆରମ୍ଭ କରାଯାଇଛି।

2. ଏହି ଯୋଜନାଟି କ'ଣ?

   ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ୦୮ ନଭମ୍ବର ୨୦୧୬ ପର୍ଯ୍ୟନ୍ତ ଜାରି ୫୦୦/- ଏବଂ ୧୦୦୦/- ଟଙ୍କା ମୂଲ୍ୟବର୍ଗର ପ୍ରଚଳିତ ବ୍ୟାଙ୍କନୋଟଗୁଡିକୁ (ଯେଉଁଗୁଡିକୁ ଏହାପରେ ବିଶିଷ୍ଟ ବ୍ୟାଙ୍କ ନୋଟ କୁହାଯିବ) ପ୍ରତ୍ୟାହାର କରି ନିଆଯାଇଛି। ଏହାର ପରିଣାମସ୍ୱରୂପ ଏହି ବ୍ୟାଙ୍କ ନୋଟ ଗୁଡିକ ଆଉ ବ୍ୟବସାୟ ନେଣଦେଣ ପାଇଁ ବ୍ୟବହୃତ ହୋଇପାରିବ ନାହିଁ ଏବଂ/ ଅଥବା ଭବିଷ୍ୟତରେ ବ୍ୟବହୃତ ହେବାପାଇଁ ଏହାର କୌଣସି ମୂଲ୍ୟ ରହିବ ନାହିଁ। ଏହି ବ୍ୟାଙ୍କ ନୋଟ ଗୁଡିକ ଭାରତୀୟ ରିଜର୍ଭ ବ୍ୟାଙ୍କର ୧୯ ଟି ମଧ୍ୟରୁ ଯେ କୌଣସି କାର୍ଯ୍ୟାଳୟ ଏବଂ ଯେ କୌଣସି ବ୍ୟାଙ୍କର ଶାଖାରେ ଅଥବା ମୁଖ୍ୟ ଡାକଘର କିମ୍ବା ଉପ ଡାକଘରେ ସମମୂଲ୍ୟରେ ବିନିମୟ ହୋଇପାରିବ।

3. ମୁଁ କେତେ ମୂଲ୍ୟ ପାଇପାରିବି ?

   ଆପଣ ବ୍ୟାଙ୍କ ଶାଖା ଗୁଡିକରେ/ ଭାରତୀୟ ରିଜର୍ଭ ବ୍ୟାଙ୍କର କାର୍ଯ୍ୟାଳୟ ଗୁଡିକରେ ଜମା କରୁଥିବା ସମସ୍ତ ନୋଟ ଗୁଡିକର ପୂର୍ଣ୍ଣ ମୂଲ୍ୟ ପାଇପାରିବେ।

4. ମୁଁ କ'ଣ ସମ୍ପୂର୍ଣ୍ଣ ମୂଲ୍ୟ ନଗଦ ଟଙ୍କାରେ ପାଇପାରିବି?

   ଜମା ନିର୍ବିଶେଷରେ ଆପଣ ପ୍ରତି ବ୍ୟକ୍ତି ପିଛା ପ୍ରତ୍ୟହ ୪୦୦୦/- ଟଙ୍କା ମୂଲ୍ୟର ନଗଦ ରାଶି ଏବଂ ତା' ଠାରୁ ଅଧିକ ମୂଲ୍ୟର ପ୍ରାପ୍ତି ନିଜର ବ୍ୟାଙ୍କ ଖାତାରେ ଜମା ଆକାରରେ ପାଇପାରିବେ।

5. ମୁଁ ଯଦି ସବୁ ଟଙ୍କା ନଗଦ ଆକାରରେ ଜମା କରିଛି ତାହେଲେ ମୁଁ ତାର ବିନିମୟ ମୂଲ୍ୟ ନଗଦ ଆକାରରେ ପାଇବି ନାହିଁ କାହିଁକି?

   ଏହି ଯୋଜନାର ଉଦ୍ଦେଶ୍ୟକୁ ଦୃଷ୍ଟିରେ ରଖି ଏହି ପ୍ରକାରର ବ୍ୟବସ୍ଥା କରାଯାଇ ନାହିଁ।

6. ମାତ୍ର ୪୦୦୦/- ଟଙ୍କା ମୋର ଆବଶ୍ୟକତା ପାଇଁ ଯଥେଷ୍ଟ ନୁହେଁ। ତାହେଲେ ମୁଁ କ'ଣ କରିବି ?

ସେଥିପାଇଁ ଆପଣ ନିଜର ଅନ୍ୟ ଆବଶ୍ୟକତାର ନେଣଦେଣ ପାଇଁ ଆପଣଙ୍କର ବ୍ୟାଙ୍କରେ ଥିବା ଜମା ରାଶିର ବିନିଯୋଗ ଇଲେକ୍ଟ୍ରୋନିକ ମାଧ୍ୟମ ଯଥା ଇଣ୍ଟରନେଟ ବ୍ୟାଙ୍କିଙ୍ଗ, ମୋବାଇଲ ୱାଲେଟ, IMPS, କ୍ରେଡିଟ / ଡେବିଟ କାର୍ଡ ଦ୍ୱାରା କରିପାରନ୍ତି ।

7. ଯଦି ମୋର କୌଣସି ବ୍ୟାଙ୍କ ଖାତା ନାହିଁ,ତେବେ ମୁଁ କ'ଣ କରିବି ?

ଆପଣ ସବୁବେଳେ ଯେକୌଣସି ବ୍ୟାଙ୍କର ଶାଖାକୁ ଯାଇ "ଆପଣଙ୍କ ଗ୍ରାହକକୁ ଜାଣନ୍ତୁ" ପାଇଁ ଆବଶ୍ୟକୀୟ ଦସ୍ତାବିଜ ଜମା କରି ବ୍ୟାଙ୍କ ଖାତା ଖୋଲିପାରିବେ।

8. ମୋର ଯଦି କେବଳ ଜନଧନ ଯୋଜନା ଖାତା ଅଛି ତାହେଲେ ମୁଁ କ'ଣ କରିବି?

   ଜନ ଧନ ଯୋଜନା ଖାତା ଧାରକ ମଧ୍ୟ ନିର୍ଦ୍ଦିଷ୍ଟ ନିୟମ ଏବଂ ବ୍ୟବସ୍ଥା ଅନ୍ତର୍ଗତ ସର୍ବୋଚ୍ଚ ସୀମା ଅଧିନରେ ଏହି ବିନିମୟ ସୁବିଧା ଲାଭ କରିପାରିବ।

9. ମୁଁ ଏହି ନୋଟର ବିନିମୟ ପାଇଁ କେଉଁଠାକୁ ଯିବି?

   ଭାରତୀୟ ରିଜର୍ଭ ବ୍ୟାଙ୍କ ର ଯେ କୌଣସି ନିର୍ଗମ କାର୍ଯ୍ୟାଳୟ , ଯେ କୌଣସି ବାଣିଜ୍ୟିକ ବ୍ୟାଙ୍କ ଗୁଡିକର ଶାଖା/ ଆଂଚଳିକ ଗ୍ରାମ୍ୟ ବ୍ୟାଙ୍କ/ ସହରୀ ସମବାୟ ବ୍ୟାଙ୍କ/ରାଜ୍ୟ ସମବାୟ ବ୍ୟାଙ୍କ କିମ୍ବା ଯେକୌଣସି ମୁଖ୍ୟ ଡାକଘର ଅଥବା ଉପ ଡାକଘର ଠାରେ ଏହି ସୁବିଧା ଉପଲବ୍ଧ।

10. ମୋତେ କ'ଣ କେବଳ ମୋର ବ୍ୟାଙ୍କ ଶାଖାକୁ ଯିବାକୁ ହେବ କି?

    ୪୦୦୦/- ଟଙ୍କା ମୂଲ୍ୟର ବିନିମୟ ଆପଣ ନିଜର ବୈଧ ପ୍ରମାଣପତ୍ର ସହ ଯେକୌଣସି ବ୍ୟାଙ୍କ ଶାଖାରେ କରିପାରିବେ।

    ୪୦୦୦/- ଟଙ୍କା ମୂଲ୍ୟରୁ ଉର୍ଦ୍ଧ୍ୱ ବିନିମୟ ପାଇଁ ଆପଣ ନିଜର ଜମା ଖାତା ଥିବା ବ୍ୟାଙ୍କ ଶାଖା ବା ସେହି ବ୍ୟାଙ୍କର ଅନ୍ୟ ଶାଖାକୁ ଯାଇପାରିବେ।

    ଆପଣ ଯଦି ନିଜର ଜମା ଖାତା ନ ଥିବା କୌଣସି ବ୍ୟାଙ୍କର ଶାଖାକୁ ନୋଟ ବିନିମୟ ପାଇଁ ଯାଆନ୍ତି, ସେଠାରେ ଆପଣଙ୍କୁ ନିଜର ବୈଧ ପରିଚୟ ପତ୍ର ଏବଂ ବ୍ୟାଙ୍କ ଖାତାର ବିସ୍ତୃତ ବିବରଣୀ ଜମା ଦେବାକୁ ପଡିବ ଏବଂ ଏହାପରେ ବିନିମୟ ମୂଲ୍ୟ ଆପଣଙ୍କ ଖାତାକୁ ଇଲେକ୍ଟ୍ରୋନିକ ମାଧ୍ୟମରେ ଅନ୍ତରଣ ହେବ।

11. ମୁଁ କ'ଣ ନିଜ ବ୍ୟାଙ୍କର ଯେକୌଣସି ଶାଖାକୁ ଯାଇପାରିବି କି?

    ହଁ, ଆପଣ ନିଜ ବ୍ୟାଙ୍କର ଯେକୌଣସି ଶାଖାକୁ ଯାଇପାରିବେ।

12. ମୁଁ କ'ଣ ଯେକୌଣସି ଅନ୍ୟ ବ୍ୟାଙ୍କର ଯେକୌଣସି ଶାଖାକୁ ଯାଇପାରିବି?

    ହଁ, ଆପଣ ଯେକୌଣସି ଅନ୍ୟ ବ୍ୟାଙ୍କର ଯେକୌଣସି ଶାଖାକୁ ଯାଇପାରିବେ। ସେପରି ସ୍ଥଳରେ ଆପଣଙ୍କୁ ନଗଦ ରାଶି ବିନିମୟ ପାଇଁ ବୈଧ ପରିଚୟ ପତ୍ର ଜମା କରିବାକୁ ହେବ; ୪000/- ଟଙ୍କାରୁ ଉର୍ଦ୍ଧ ରାଶିର ବିନିମୟ ପାଇଁ ଆପଣଙ୍କୁ ଉଭୟ ବୈଧ ପରିଚୟ ପତ୍ର ଏବଂ ବ୍ୟାଙ୍କ ଖାତାର ବିସ୍ତୃତ ବିବରଣୀ ଜମା ଦେବାକୁ ପଡିବ, ଯାହାଦ୍ୱାରା ବିନିମୟ ରାଶିର ଇଲେକ୍ଟ୍ରୋନିକ ମାଧ୍ୟମରେ ଅନ୍ତରଣ ହେବ।

13. ମୋର ବ୍ୟାଙ୍କରେ ଖାତା ନାହିଁ କିନ୍ତୁ ମୋର ସମ୍ପର୍କୀୟ/ବନ୍ଧୁଙ୍କର ଗୋଟିଏ ଖାତା ଅଛି, ତେବେ ମୁଁ କ'ଣ ସେହି ଖାତା ଜରିୟାରେ ମୋର ନୋଟ ଗୁଡିକ ବିନିମୟ କରିପାରିବି?

ହଁ, ଯଦି ଆପଣଙ୍କର ଖାତା ଧାରକ ସମ୍ପର୍କୀୟ/ବନ୍ଧୁ ଆପଣଙ୍କୁ ଲିଖିତ ଆକାରରେ ଅନୁମତି ଦେବେ ତାହେଲେ ଆପଣ ଏହା କରିପାରିବେ। ଟଙ୍କା ବିନିମୟ ସମୟରେ ଖାତା ଧାରକଙ୍କର ଏହି ଅନୁମତି ପତ୍ର ସହ ଆପଣଙ୍କର ବୈଧ ପରିଚୟ ପତ୍ର ବ୍ୟାଙ୍କରେ ଜମା କରିବାକୁ ହେବ।

14. ମୋତେ ବ୍ୟାଙ୍କକୁ ନିଜେ ଯିବାକୁ ହେବ ନା' ମୁଁ କୌଣସି ପ୍ରତିନିଧିଙ୍କ ଜରିଆରେ ନୋଟ ଗୁଡିକ ପଠାଇ ପାରିବି?

ବ୍ୟତିଗତ ଭାବେ ବ୍ୟାଙ୍କକୁ ଯିବା ଉଚିତ। ଯଦି ବ୍ୟକ୍ତିଗତ ଭାବେ ଏହା ସମ୍ଭବ ନୁହେଁ ଆପଣ ଏକ ଲିଖିତ ପ୍ରାଧିକାର ପତ୍ର ସହ ନିଜ ପ୍ରତିନିଧି କୁ ପଠାଇ ପାରିବେ। ସେହି ପ୍ରତିନିଧି ଟଙ୍କା ଜମା ଦେଲାବେଳେ ଏହି ପ୍ରାଧିକାର ପତ୍ର ସହ ନିଜର ବୈଧ ପରିଚୟ ପତ୍ର ବ୍ୟାଙ୍କ ଶାଖାରେ ଜମା କରିବ?

15. ମୁଁ ଏଟିଏମରୁ ଟଙ୍କା ଉଠାଇ ପାରିବି କି?

ବ୍ୟାଙ୍କ ଗୁଡିକ ନିଜ ଏଟିଏମ ଗୁଡିକୁ କାର୍ଯ୍ୟକ୍ଷମ ପରିବା ପାଇଁ କିଛି ସମୟ ଲାଗିବ। ଥରେ ଏହି ଏଟିଏମ ଗୁଡିକ କାର୍ଯ୍ୟକ୍ଷମ ହୋଇଗଲେ ନଭେମ୍ବର ୧୮, ୨୦୧୬ ପର୍ଯ୍ୟନ୍ତ ପ୍ରତି ଦିନ ଏଟିଏମ ରୁ କାର୍ଡ ପିଛା ସର୍ବାଧିକ ୨୦୦୦/- ଟଙ୍କା ଉଠାଇପାରିବେ। ନଭେମ୍ବର ୧୯, ୨୦୧୬ ଠାରୁ ପ୍ରତି ଦିନ କାର୍ଡ ପିଛା ଏହି ସୀମା ୪୦୦୦/- ଟଙ୍କାକୁ ବର୍ଦ୍ଧିତ ହେବ।

16. ମୁଁ ଚେକ୍ ଦ୍ୱାରା ନଗଦ ଟଙ୍କା ଉଠାଇ ପାରିବି କି?

ହଁ, ଆପଣ ଟଙ୍କା ଉଠାଣ ଫର୍ମ ଦ୍ୱାରା ଅଥବା ଚେକ୍ ଦ୍ୱାରା ପ୍ରତ୍ୟେକ ଦିନ ସର୍ବାଧିକ ୧୦୦୦୦/- ଟଙ୍କା ଆହରଣ କରିପାରିବେ ଯାହାର ସପ୍ତାହିକ ସୀମା ୨୦୦୦୦/- ଟଙ୍କା (ଏଟିଏମରୁ ଉଠାଣ ସହିତ), ଏହା ନଭେମ୍ବର ୨୪, ୨୦୧୬ ପର୍ଯ୍ୟନ୍ତ ଲାଗୁ ହେବ ଏବଂ ଏହାପରେ ଏହି ସୀମାର ସମୀକ୍ଷା କରାଯିବ।

17. ମୁଁ କ'ଣ ଏହି ବିଶିଷ୍ଟ ବ୍ୟାଙ୍କ ନୋଟ ଗୁଡିକୁ ଏଟିଏମ, ଟଙ୍କା ଜମା ମେସିନ ଅଥବା ଟଙ୍କା ପୁନଃ ପ୍ରଚଳନ ମେସିନରେ ଜମା କରିପାରିବେ?

ହଁ, ଏହି ବିଶିଷ୍ଟ ବ୍ୟାଙ୍କ ନୋଟ ଗୁଡିକ ଏଟିଏମ, ଟଙ୍କା ଜମା ମେସିନ ଅଥବା ଟଙ୍କା ପୁନଃ ପ୍ରଚଳନ ମେସିନରେ ଜମା ହୋଇପାରିବେ

18. ମୁଁ କ'ଣ ଇଲେକ୍ଟ୍ରୋନିକ ମାଧମ (NEFT/RTGS/IMPS/Internet Banking/ Mobile Banking ଇତ୍ୟାଦି) ର ଉପଯୋଗ କରି ପାରିବେ?

ଆପଣ NEFT/RTGS/IMPS/Internet Banking/ Mobile Banking ଅଥବା ଯେକୌଣସି ଅଣ ନଗଦ ଲେଣଦେଣ ମାଧମର ଉପଯୋଗ କରି ପାରିବେ।

19. ନୋଟ ଗୁଡିକର ବିନିମୟ ପାଇଁ ମୋ ପାଖରେ କେତେ ସମୟ ଅଛି?

ଡିସେମ୍ବର ୩୦, ୨୦୧୬ ରେ ଏହି ଯୋଜନାର ପରିସମାପ୍ତି ହୋଇଯିବ। ଏହି ବିଶିଷ୍ଟ ବ୍ୟାଙ୍କ ନୋଟ ଗୁଡିକ ବାଣିଜ୍ୟିକ ବ୍ୟାଙ୍କ ଗୁଡିକର ଶାଖା/ ଆଂଚଳିକ ଗ୍ରାମ୍ୟ ବ୍ୟାଙ୍କ/ ସହରୀ ସମବାୟ ବ୍ୟାଙ୍କ/ରାଜ୍ୟ ସମବାୟ ବ୍ୟାଙ୍କ ମାନଙ୍କରେ ଡିସେମ୍ବର ୩୦, ୨୦୧୬ ପର୍ଯ୍ୟନ୍ତ ବିନିମୟ ହୋଇପାରିବ।

ଯଦି କୌଣସି ବ୍ୟକ୍ତି ଡିସେମ୍ବର ୩୦,୨୦୧୬ ମଧ୍ୟରେ ଏହି ବିଶିଷ୍ଟ ବ୍ୟାଙ୍କ ନୋଟ ଗୁଡିକୁ ବିନିମୟ ବା ଜମା କରିବାରେ ଅସଫଳ ହୁଅଂନ୍ତି, ତେବେ ତାଙ୍କୁ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଆବଶ୍ୟକୀୟ ଦାସ୍ତାବିଜ ସହ ରିଜର୍ଭ ବ୍ୟାଙ୍କ ର ନିର୍ଦ୍ଦିଷ୍ଟ କାର୍ଯ୍ୟାଳୟରେ ଜମା କରିବାପାଇଁ ସୁଯୋଗ ଦିଆ ଯିବ।

20. ମୁଁ ବର୍ତ୍ତମାନ ଭାରତେରେ ନାହିଁ ତେବ ମୁଁ କ'ଣ କରିବି?

ଯଦି ଆପଣଙ୍କର ଏହି ବିଶିଷ୍ଟ ବ୍ୟାଙ୍କ ନୋଟ ଗୁଡିକ ଭାରତରେ ଅଛି ତେବେ ଆପଣ ଅନ୍ୟ ଯେ କୌଣସି ବ୍ୟକ୍ତି ନାମରେ ପ୍ରାଧିକାର ପତ୍ର ଜାରି କରି ତାଙ୍କ ଦ୍ୱାରା ନିଜ ବ୍ୟାନ୍କକ ଖାତାରେ ସେଗୁଡିକୁ ଜମା କରିପାରେବେ। ଆପଣଙ୍କ ଦ୍ୱାରା ଅଧିକାର ପ୍ରାପ୍ତ ଏହି ବ୍ୟକ୍ତି ନିଜର ବୈଧ ପ୍ରମାଣପତ୍ର ସହ (ବୈଧ ପ୍ରମାଣପତ୍ର ଯଥା ଆଧାର କାର୍ଡ, ଡ୍ରାଇଭିଂ ଲାଇସେନ୍ସ, ଭୋଟର କାର୍ଡ, ପାସପୋର୍ଟ, NREGA କାର୍ଡ, ପ୍ୟାନ କାର୍ଡ, ସରକାରୀ ବିଭାଗ, ସରକାରୀ ଉପକ୍ରମଙ୍କ ଦ୍ୱାରା ଜାରି ପରିଚୟ ପତ୍ର)

21. ମୁଁ ଜଣେ ଏନଆରଆଇ ଏବଂ ମୋର ଏନଆରଓ ଖାତା ଅଛି, ଏହି ବିନିମୟ ମୂଲ୍ୟ ମୋ ଖାତାରେ ଜମା ହୋଇପାରିବ କି?

ହଁ, ଏହି ବିଶିଷ୍ଟ ବ୍ୟାଙ୍କ ନୋଟ ଗୁଡିକୁ ଆପଣ ନିଜ ଏନଆରଓ ଖାତାରେ ଜମା କରିପାରିବେ।

22. ମୁଁ ଜଣେ ବିଦେଶୀ ପର୍ଯ୍ୟଟକ, ମୋର ଏହି ନୋଟ ଗୁଡିକ ଅଛି। ମୁଁ କଣ କରିବି?

ଏହି ନିର୍ଦ୍ଦେଶନାମା ଘୋଷଣା ହେବାର ୭୨ ଘଣ୍ଟା ମଧ୍ୟରେ ଆପଣ ଏହି ବିଶିଷ୍ଟ ବ୍ୟାଙ୍କ ନୋଟ ଗୁଡିକୁ ଏୟାରପୋର୍ଟ କାଉଣ୍ଟରେ ବିନିମୟ କରି ସର୍ବାଧିକ ୫୦୦୦/- ଟଙ୍କା ମୂଲ୍ୟର ବିଦେଶୀ ମୁଦ୍ରା କିଣି ପାରିବେ, ଅବଶ୍ୟ ଏଥିପାଇଁ ଆପଣଙ୍କର ଏହି ବିଶିଷ୍ଟ ବ୍ୟାଙ୍କ ନୋଟ ଗୁଡିକର କ୍ରୟ ପ୍ରମାଣପତ୍ର ପାଖରେ ଥିବା ଆବଶ୍ୟକ।

23. ମୋର ନଗଦ ଟଙ୍କାର ଅତି ଜରୁରୀ (ହସ୍ପିଟାଲରେ ଭର୍ତ୍ତି ହେବା, ଭ୍ରମଣ, ଜୀବନ ରକ୍ଷାକାରୀ ଔଷଧ କ୍ରୟ ଇତ୍ୟାଦି) ଆବଶ୍ୟକତା ଅଛି, ତାହେଲେ ମୁଁ କ'ଣ କରିବି?

ଏହି ନିର୍ଦ୍ଦେଶନାମା ଘୋଷଣା ହେବାର ୭୨ ଘଣ୍ଟା ପର୍ଯ୍ୟନ୍ତ ସରକାରୀ ଡାକ୍ତରଖାନାରେ ଭର୍ତ୍ତି ହେବାର ଖର୍ଚ୍ଚ , ଭ୍ରମଣ ପାଇଁ ସରକାରୀ ବସ ଷ୍ଟାଣ୍ଡରେ ରାଜ୍ୟ ସରକାର/ରାଜ୍ୟ ପିଏସୟୁ ଚାଳିତ ବସ ଟିକେଟ, ରେଲୱେ ଷ୍ଟେସନରୁ ରେଲ ଟିକେଟ, ଏୟାରପୋର୍ଟ ରୁ ଏୟାର ଟିକେଟ କିଣି ପାରିବେ।

24. ପରିଚୟ ପତ୍ର ଟି କ'ଣ ?

ବୈଧ ପରିଚୟ ପତ୍ର ଏହି ଗୁଡିକୁ କୁହାଯାଏ : ଆଧାର କାର୍ଡ, ଡ୍ରାଇଭିଂ ଲାଇସେନ୍ସ, ଭୋଟର କାର୍ଡ, ପାସପୋର୍ଟ, NREGA କାର୍ଡ, ପ୍ୟାନ କାର୍ଡ, ସରକାରୀ ବିଭାଗ, ସରକାରୀ ଉପକ୍ରମଙ୍କ ଦ୍ୱାରା ଜାରି ପରିଚୟ ପତ୍ର

25. ମୁଁ ଏହି ଯୋଜନା ସମ୍ବନ୍ଧରେ ଅଧିକ ସୂଚନା କେଉଁଠାରୁ ପାଇପାରିବି?

ଏହି ସମ୍ବନ୍ଧରେ ଅଧିକ ସୂଚନା ଆମର ୱେବ ସାଇଟ (www.rbi.org.in) ଏବଂ ଭାରତ ସରକାରଙ୍କ ୱେବ ସାଇଟରେ ଉପଲବ୍ଧ।

26. ମୋର ଯଦି କିଛି ସମସ୍ୟା ସୃଷ୍ଟି ହୁଏ ତାହେଲେ ମୁଁ କାହା ପାଖକୁ ଯିବି?

ଆପଣ ଭାରତୀୟ ରିଜର୍ଭ ବ୍ୟାଙ୍କର ନିୟନ୍ତ୍ରଣ କକ୍ଷ ସହ ଇମେଲ ଦ୍ୱାରା ବା ଟେଲିଫୋନ ସଂ. ୦୨୨ ୨୨୬୦୨୨୦୧/ ୨୨୬୦୨୯୪୪ ଦ୍ୱାରା ଯୋଗାଯୋଗ କରି ପାରିବେ।

ଅନୁବଂଧ-୫

ନିର୍ଦ୍ଦିଷ୍ଟ ବ୍ୟାଙ୍କ ନୋଟ୍ ର ବଦଳ ପାଇଁ ଅନୁରୋଧ ପତ୍ର

ଭାରତୀୟ ରିଜର୍ଭ ବ୍ୟାଙ୍କ କାର୍ଯ୍ୟାଳୟ ର ନାମ : ______________________________

<table>
<tr><td>ଜମାକାରୀ ଙ୍କ ନାମ
(ବଡ ଅକ୍ଷରରେ)</td><td colspan="5"></td></tr>
<tr><td>କାଉଣ୍ଟର ରେ ଦେଖାଇବାକୁ ଥିବା ମୂଳ ପରିଚୟ ପତ୍ର (ଗୋଟିକରେ ଠିକ ଚିହ୍ନ ଦିଅନ୍ତୁ)</td><td colspan="5">ଆଧାର କାର୍ଡ, ଡ୍ରାଇଭିଂ ଲାଇସେନ୍ସ, ଭୋଟର ପରିଚୟ ପତ୍ର, ପାସ୍ ପୋର୍ଟ, ନରେଗା କାର୍ଡ, ପାନ୍ କାର୍ଡ, ସରକାରୀ ବିଭାଗ /ସଂସ୍ଥା ଦ୍ଵାରା ଜାରି କରାଯାଇଥିବା ପରିଚୟ ପତ୍ର</td></tr>
<tr><td>ପରିଚୟ ପତ୍ର ସଂଖ୍ୟା</td><td colspan="5"></td></tr>
<tr><td rowspan="5">ବଦଳ ପାଇଁ ଜମା ଦେଉଥିବା ନିର୍ଦ୍ଦିଷ୍ଟ ବ୍ୟାଙ୍କ ନୋଟ୍ ର ବିବରଣୀ</td><td>ନୋଟ୍ ର ମୂଲ୍ୟ ବର୍ଗ</td><td>ନୋଟ୍ ସଂଖ୍ୟା</td><td>ମୂଲ୍ୟ</td><td></td><td rowspan="5"></td></tr>
<tr><td>ଟ. ୫୦୦</td><td></td><td></td><td rowspan="3"></td></tr>
<tr><td>ଟ. ୧୦୦୦</td><td></td><td></td></tr>
<tr><td>ସମୁଦାୟ ମୂଲ୍ୟ</td><td></td><td></td></tr>
<tr><td colspan="4">ସମୁଦାୟ ମୂଲ୍ୟ (ଅକ୍ଷରରେ)</td></tr>
<tr><td>ଜମାକାରୀ ଙ୍କ ଦସ୍ତଖତ</td><td colspan="5"></td></tr>
<tr><td>ସ୍ଥାନ :
ତାରିଖ :</td><td colspan="5"></td></tr>
</table>

ଅନୁବଂଧ-୬

୫୦୦ ଏବଂ ୧୦୦୦ ଟଂକା ମୂଲ୍ୟବର୍ଗ ର ପ୍ରତ୍ୟାହୃତ ବ୍ୟାଂକ ନୋଟର ଦୈନିକ ବିନିମୟ ସମ୍ବଂଧରେ ନିୟଂତ୍ରଣ କର୍ଯ୍ୟାଳୟ କୁ କରାଯିବା ରିପୋର୍ଟ ର ନମୂନା :

ବ୍ୟାଂକ ର ନାମ :-----------------------

ବ୍ୟାଂକ ଶାଖାର ନାମ :------------------- IFSC Code:----------------------------

--------------------ତାରିଖରେ ଶାଖାରେ ବିନିମୟ ହୋଇଥିବା ବ୍ୟାଂକ ନୋଟ ର ବିବରଣୀ ନିମ୍ନରେ ଦିଆଯାଇଛି:

ମୂଲ୍ୟବର୍ଗ	ସଂଖ୍ୟା	ସର୍ବମୋଟ ମୂଲ୍ୟ
୫୦୦ ଟଂକା		
୧୦୦୦ଟଂକା		
ମୋଟ		

ଭାରପ୍ରାପ୍ତ ଶଖା ଅଧିକାରୀଂକ ନାମ ଏବଂ ପଦବୀ

ଭାରପ୍ରାପ୍ତ ଶଖା ଅଧିକାରୀଂକ ଦସ୍ତଖତ

ତାରିଖ: ---------------------------

ସ୍ଥାନ :----------------------------

ଅନୁବଂଧ – ୬ କ

ବ୍ୟାଂକ ଶାଖା ଗୁଡିକରେ ୫୦୦ ଏବଂ ୧୦୦୦ ଟଂକା ର ଦୈନିକ ବିନିମୟ ସମ୍ବଂଧରେ ଭାରତୀୟ ରିଜର୍ଭ ବ୍ୟାଂକ ର କେଂଦ୍ରୀୟ କାର୍ଯ୍ୟାଳୟ କୁ କରାଯାଉଥିବା ରିପୋର୍ଟ (ଇ-ମେଲ୍) ର ନମୂନା :

ବ୍ୟାଂକ ର ନାମ ;---------------------------

----------ତାରିଖ ରେ ହୋଇଥିବା ପ୍ରତ୍ୟାହୃତ ବ୍ୟାଂକ ନୋଟ ର ବିନିମୟ ର ବିବରଣୀ ନିମ୍ନରେ ଦିଆ ଯାଇଛି :

ମୂଲ୍ୟବର୍ଗ	ସଂଖ୍ୟା	ସର୍ବମୋଟ ମୂଲ୍ୟ
୫୦୦ ଟଂକା		
୧୦୦୦ଟଂକା		
ମୋଟ		

ରିପୋର୍ଟିଂ ଅଧିକାରୀଂକ ନାମ ଏବଂ ପଦବୀ

ରିପୋର୍ଟିଂ ଅଧିକାରୀଂକ ଦସ୍ତଖତ

ତାରିଖ: --------------------------

ସ୍ଥାନ :----------------------------